ଧରିତ୍ରୀ
DHARITRI
ଶୁକ୍ରବାର, ୧୬ ସେପ୍ଟେମ୍ବର ୨୦୨୨

## ଗୋରୁ ବୋଝେଇ ଗାଡ଼ି ଜବତ

ସାରସକଣା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ପୋଲିସ ଗୁରୁବାର ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଅପରାହ୍ନରେ ସାରସକଣା ଅଞ୍ଚଳ ଦେଇ ଉକ୍ତ ଭ୍ୟାନରେ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ହେଉଥିଲା। ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ ଗାଡ଼ିକୁ ଜବତ କରିବା ସହିତ ଚାଳକ କୁସୁମୀ ବ୍ଲକ କେନ୍ଦେରାଇ ଗ୍ରାମର ଅର୍ଜୁନ ବାରିକ ଓ ହେଲପର ପୁରୁଣିଆ ଗ୍ରାମର ଲକ୍ଷ୍ମଣ ଗିରିଙ୍କୁ ଅଟକ ରଖିଛନ୍ତି। ଜବତ ଗୋରୁଗୁଡ଼ିକୁ ବାଲେଶ୍ୱର ସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ. ୨୦୮/୨୨) ରୁଜୁ ହୋଇଛି।



## ସଂକ୍ଷେପରେ

### ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ବୈଶିଙ୍ଗା,୧୫।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ସନ୍ତରା ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କାଳିଆ ମାଝୀଙ୍କ ସ୍ତ୍ରୀ ସୀତା ( ୪୮)। ସେ ନିଜ ଚାଷ ଜମିରେ ଘାସବଛା କାର୍ଯ୍ୟ କରୁଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ତାଙ୍କ ସହିତ ଥିବା ଅନ୍ୟ ୨ଜଣ ମହିଳା ମଧ ଅସୁସ୍ଥ ହୋଇ ପଡ଼ିବାରୁ ସେମାନଙ୍କୁ ସଙ୍ଗେସଙ୍ଗେ ବୈଶିଙ୍ଗା ଡାକ୍ତରଖାନାକୁ ନିଆଯାଇଛି। ପ୍ରାଥମିକ ଚିକିତ୍ସା ପରେ ଉଭୟ ବିପଦମୁକ୍ତ ଥିବା ଡାକ୍ତର ଅମିତ କୁମାର ନାୟକଙ୍କ ସୂଚନା ଦେଇଛନ୍ତି।

### ଚାଷୀଙ୍କ ସନ୍ଦେହଜନକ ମୃତ୍ୟୁ

ଭଣ୍ଡାରିପୋଖରୀ, ୧୫।୯ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ପଞ୍ଚାୟତ ରାଣିଗଡ଼ିଆ ଗ୍ରାମର ଚାଷୀ ଗୌରାଙ୍ଗ ରାଉତ(୬୫)ଙ୍କର ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଗୌରାଙ୍ଗ ସକାଳେ ଖାଇ ସାରି ନିକଟ ଧାନ କ୍ଷେତକୁ କାମ କରିବା ପାଇଁ ଯାଇଥିଲେ। ବିଲରୁ ଫେରିବା ବିଳମ୍ବ ହେବାରୁ ସେମାନେ ଖୋଜିଖୋଜି କରି କ୍ଷେତରେ ମୁମୂର୍ଷୁ ଅବସ୍ଥାରେ ସେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରିଛି।

### ରେଳଧାରଣାରୁ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

ଭଣ୍ଡାରିପୋଖରୀ, ୧୫।୯ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ ରେଳ ଧାରଣାରୁ ଗୁରୁବାର ସକାଳେ ଜଣେ ଅଚିହ୍ନା ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ରେଲୱେ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟା ବେଳେ ନିକଟ ଚୁଆଗଡ଼ିଆ ଦେଇ ଯାଇଥିବା ରେଳ ଧାରଣା ଉପରେ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। କିଛି ଦୂରରେ ମହିଳାଙ୍କ ମୁଣ୍ଡ ପଡ଼ିଥିଲା। ଏ ସମ୍ପର୍କରେ ଖବରପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇ ତଦନ୍ତ ଚଳାଇଛି।

### କୃଷ୍ଣପୁର ବାଲି ଡିପୋରେ ଚଢ଼ାଉ

ଚମ୍ପୁଆ, ୧୫।୯(ଡି.ଏନ୍.ଏ)- ଚମ୍ପୁଆ ତହସିଲ ଅନ୍ତର୍ଗତ କାଳିକାପ୍ରସାଦ କୃଷ୍ଣପୁରଠାରେ ବାଲି ଡିପୋରେ ଗୁରୁବାର ରାଜସ୍ୱ ବିଭାଗ ଚଢ଼ାଉ କରି ବିପୁଳ ପରିମାଣରେ ଗଚ୍ଛିତ ବାଲି ଜବତ କରିଛି। ଚମ୍ପୁଆ ତହସିଲଦାର ସାଇ ସସ୍ମିତା ହୋତାଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଇଜର ଶୁଭକାନ୍ତ କର ଓ ରାଜସ୍ୱ ନିରୀକ୍ଷକ ଶିବବ୍ରତ ନାଏକ କୃଷ୍ଣପୁରଠାରେ ଥିବା ସରକାରୀ ଜାଗାରେ ବାଲି ଡିପୋରେ ଚଢ଼ାଉ କରିଥିଲେ। ଗଚ୍ଛିତ ବାଲି ସମ୍ପର୍କରେ କେହି ପ୍ରମାଣ ଦେଇ ନ ପାରିବାରୁ ଏହାକୁ ଜବତ କରାଯାଇ ସ୍ଥାନାନ୍ତର କରାଯାଇଛି।

# ଏଥର ଦୁର୍ଗାପୂଜାରେ ଝଲସିବ ପ୍ରାଚୀନଗର

**ଭଦ୍ରକ ଅଫିସ, ୧୫।୯**

ଦୁଇବର୍ଷ ପରେ ଏଥର ଧୁମ୍‌ଧାମ୍‌ରେ ଶାରଦୀୟ ଦୁର୍ଗାପୂଜା ପାଳନ କକରାଯିବ। ଏଥିପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ପୂଜା କମିଟି ପକ୍ଷରୁ ଜୋର୍‌ସୋରରେ ପ୍ରସ୍ତୁତି ସାଙ୍ଗକୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି। ଚଳିତବର୍ଷ ଆଡ଼ମ୍ବରରେ ମା'ଙ୍କ ଆବାହନ ପାଇଁ ଭଦ୍ରକର ଆରଡ଼ିଛକ ନିକଟସ୍ଥ ପ୍ରାଚୀନଗର ଦୁର୍ଗାପୂଜା କମିଟି ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି। ୧୯ ବର୍ଷ ଧରି ଏଠାରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଥିବା ବେଳେ ଗତ ଦୁଇବର୍ଷ କୋଭିଡ୍ କଟକଣା ଯୋଗୁ ନିରାଡ଼ମ୍ବରରେ ପୂଜାର୍ଚ୍ଚନା କରାଯାଇଥିଲା। ଚଳିତବର୍ଷ ଆଡ଼ମ୍ବରରେ ପୂଜା କରିବାକୁ ନେଇ ସମସ୍ତଙ୍କ ମନରେ ଉତ୍ସାହ ଦେଖାଦେଇଛି। ଆରଡ଼ି ଛକଠାରୁ ପ୍ରାଚୀନଗର ପର୍ଯ୍ୟନ୍ତ ଦେଢ଼ କିଲୋମିଟର ରାସ୍ତାର ଉଭୟପାର୍ଶ୍ୱ ରଙ୍ଗୀନ ଆଲୋକମାଳାରେ ଝଲସିବ। ଏଥିସହ ୩ଟି ତୋରଣ ମଣ୍ଡପ, ଆରଡ଼ି ଛକ ଓ ପ୍ରାଚୀନଗରରେ ନିର୍ମାଣ କରାଯିବ। କାରିଗରମାନେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ପାର୍ଶ୍ୱମୂର୍ତ୍ତି ଗଢ଼ିବାରେ ଲାଗିପଡ଼ିଛନ୍ତି। ମା'ଙ୍କ ପ୍ରତିମାର ଉଚ୍ଚତା ୧୫ ଫୁଟ୍ ରଖାଯାଇଛି। ସପ୍ତମୀ, ଅଷ୍ଟମୀ ଓ ନବମୀ ସନ୍ଧ୍ୟାରେ ପାଲା, ପ୍ରବଚନ ଓ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି। ଷଷ୍ଠୀଠାରୁ ପାଞ୍ଚଦିନ ଦିନ ଧରି ମୀନାବଜାର ପଡ଼ିବ। ଚଳିତବର୍ଷ ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ୍ ରଖାଯାଇଛି। ପ୍ରାଚୀନଗରରେ ଦେଢ଼ଶହ ପରିବାରକୁ ନେଇ ୨୦୦୪ରେ ଏକ ବୈଠକ କରାଯାଇ ପୂଜା ଆରମ୍ଭ ହୋଇଥିଲା। ପୂଜା କମିଟିକୁ ଜିଲାପାଳଙ୍କ ଅଫିସରେ ପଞ୍ଜୀକୃତ ମଧ କରାଯାଇଛି। କମିଟିରେ ୧୦ ଜଣଙ୍କୁ ଉପଦେଷ୍ଟା ଭାବେ ରଖାଯାଇଛି। ୨୦୦୭ରେ ୫ ଡିସିମିଲ ଜାଗା କମିଟି ନାଁରେ କିଣାଯାଇ ମଣ୍ଡପ ମୁଖଶାଳା, ପୂଜକଙ୍କ ରହିବା ଘର, ରୋଷେଇ ଘର ଆଦି ନିର୍ମାଣ କରାଯାଇଛି।



ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର।




### ଦଶହରାରେ ଦହିପଖାଳ ଓ ଟଙ୍କତୋରାଣି ବ୍ୟବସ୍ଥା



- ପ୍ରାଚୀନଗରର ସମସ୍ତ ବାସିନ୍ଦାଙ୍କୁ ଏକସୂତ୍ରରେ ବାନ୍ଧି ରଖେ ଏହି ପୂଜା। ଏହି ସାର୍ବଜନୀନ ପୂଜାରେ ପରସ୍ପର ମଧରେ ସ୍ନେହ ଓ ପ୍ରେମ ଜାଗ୍ରତ ହୋଇଥାଏ। ପ୍ରତିବର୍ଷ ପରି ଏଥର ମଧ ଦଶହରାରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଦହିପଖାଳ ଓ ଟଙ୍କତୋରାଣି ବ୍ୟବସ୍ଥା କରାଯାଇଛି।

-ଟିକିଲି ଲେଙ୍କା, ପ୍ରାଚୀନଗର ଦୁର୍ଗାପୂଜା କମିଟି ସଭାପତି

### ପାଲା ପରିବେଷଣକୁ ଗୁରୁତ୍ୱ



-ସମସ୍ତଙ୍କ ସହମତିରେ ଶାନ୍ତିଶୃଙ୍ଖଳାର ସହ ୧୯ ବର୍ଷ ଧରି ଅନୁଷ୍ଠାନ ଆଗକୁ ବଢ଼ି ଚାଲିଛି। ତେବେ ପାଲା ସଂସ୍କୃତି ଲୋପ ପାଇବାକୁ ବସିଛି। ଏହାକୁ ଲୋକଙ୍କ ମନରେ ଉଜ୍ଜୀବିତ ରଖିବା ପାଇଁ ଚଳିତବର୍ଷ ପୂଜାରେ ବିଜୟା ଦଶମୀ ସନ୍ଧ୍ୟାରେ ସୁପ୍ରତିଷ୍ଠିତ ଗାୟକଙ୍କ ଦ୍ୱାରା ପାଲା ପରିବେଷଣ କାର୍ଯ୍ୟକ୍ରମ ରହିଛି।

-ମଣ୍ଟୁ ପରିଜା, ପ୍ରାଚୀନଗର ଦୁର୍ଗାପୂଜା କମିଟି ସମ୍ପାଦକ

## ୨ଅଭିଯୁକ୍ତଙ୍କୁ ୩ବର୍ଷ କାରାଦଣ୍ଡାଦେଶ

**ବାରିପଦା ଅଫିସ,୧୫।୯:** ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୁର୍ଗା ଚରଣ ମିଶ୍ର ଏହାର ବିଚାର କରି ୨ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଦ୍ୱୟ ହେଲେ ବେତନଟୀ ଥାନା ଆଗଡ଼ା ଗ୍ରାମର ତନ୍ତ ଗାଁଣ(୨୭) ଓ କୁନା ଖଡ଼ୁଆ(୩୦)। ଅନ୍ୟ ଜଣେ ଅଭିଯୁକ୍ତ ଶତ୍ରୁଘ୍ନ ପଣ୍ଡିତ ଫେରାର ରହିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ସେପ୍ଟେମ୍ବର ୩ରେ ସ୍ୱାମୀ ସ୍ତ୍ରୀ ହାଟରୁ ଘରକୁ ଫେରୁଥିବା ବେଳେ ୩ଅଭିଯୁକ୍ତ ସେମାନଙ୍କୁ ଅଟକାଇ ଦୁର୍ବ୍ୟବହାର କରିଥିଲେ। ଏହାକୁ ସ୍ୱାମୀ ବିରୋଧ କରିବାରୁ ଅଭିଯୁକ୍ତମାନେ ମାଡ଼ ମାରି ତାଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏହାକୁ ନେଇ ବୈଶିଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୫୨/୧୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# 'ଡିଇଓ କାର୍ଯ୍ୟାଳୟରେ ଚରମ ଅବ୍ୟବସ୍ଥା'

**କେନ୍ଦୁଝର ୧୫।୯ (ସ୍ୱ.ପ୍ର./ଡି.ଏନ୍.ଏ)**

- ଅବସରପ୍ରାପ୍ତ, କାର୍ଯ୍ୟରତ ଏମ୍‌ଇ ସ୍କୁଲ ଶିକ୍ଷକ ସଂଘର ଅଭିଯୋଗ
- ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଡିଇଓ

କେନ୍ଦୁଝର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚରମ ଅବ୍ୟବସ୍ଥା ଦେଖାଦେଇଛି। ତୁରନ୍ତ ଏହାର ସମାଧାନ କରାଯିବା ସହିତ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି କରା ନ ଗଲେ ଅଫିସ ଆଗରେ ଧାରଣା ଦେବା ସହ ତାଲା ପକାଇଦେବାକୁ ଚେତାବନୀ ଦେଇଛି ଅବସରପ୍ରାପ୍ତ ଓ କାର୍ଯ୍ୟରତ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ। ଗୁରୁବାର ଶିକ୍ଷକ ଭବନଠାରେ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ଅବ୍ୟବସ୍ଥା ସମ୍ପର୍କରେ ମୁହଁ ଖୋଲିଛନ୍ତି। ଅଭିଯୋଗ ଅନୁଯାୟୀ, ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଅବସର ଦିନ ପ୍ରୋଭିଜନାଲ ପେନ୍‌ସନ୍ ଗ୍ରାଚ୍ୟୁଇଟି ମିଳୁନାହିଁ, ରିଭିଜନ୍ ପେନସନ ଠିକ୍ ସମୟରେ କଣ୍ଟ୍ରୋଲର ଅଫିସକୁ ପଠାଯାଉ ନାହିଁ, ଇନକ୍ରିମେଣ୍ଟ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଏପରିକି ଶିକ୍ଷକମାନଙ୍କ ସର୍ଭିସ ବୁକ ଗାଏବ କରିଦିଆଯାଉଛି। ଜିଲାର ୨୦ଟି ବିଦ୍ୟାଳୟ ଅନୁଦାନ ପାଇବାକୁ ଯୋଗ୍ୟଥିଲେ ମଧ ସେମାନଙ୍କ କାଗଜପତ୍ର ଶିକ୍ଷା ନିର୍ଦ୍ଦେଶାଳୟକୁ ପଠାଯାଉନାହିଁ । ଅଫିସରେ ଗୁରୁତ୍ୱପୂର୍ଣ୍ଣ ଫାଇଲ ହଜାଇ ଦିଆଯାଇ ହଇରାଣ ହରକତ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ନେଇ କେନ୍ଦୁଝର ଗସ୍ତରେ ଆସିଥିବା ଯୁଗ୍ମ ସଚିବଙ୍କୁ ଭେଟି ଅଭିଯୋଗ ପତ୍ର ଦେବାକୁ ଯାଇଥିଲା ବେଳେ ଏଡିଇଓ ପୋଲିସ ଡକାଇ ପ୍ରତିରୋଧ କରିଥିଲେ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ଅନିୟମିତତାରେ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି କରାନଯିବା ପର୍ଯ୍ୟନ୍ତ ଧାରଣା ଦେବା ସହିତ ଅଫିସରେ ତାଲା ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ସଞ୍ଜୟ ବସନ୍ତ ଚକ୍ର, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ଚିନ୍ତାମଣି ଜେନା, ଶାନ୍ତନୁ କୁମାର ମିଶ୍ର, କ୍ଷୀରୋଦ କୁମାର ରାଉତ, କାହ୍ନୁଚରଣ ସାମଲ, ରଘୁନାଥ ବେହେରା, ପ୍ରଶାନ୍ତ କୁମାର ମିଶ୍ର, ଜ୍ଞାନେନ୍ଦ୍ର ଦେଓ, ସୁଶିଲ ନାୟକ ଓ ବଳରାମ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏ ନେଇ ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ଶିକ୍ଷକ ସଂଘର ଅଭିଯୋଗ ଅନୁସାରେ ବର୍ତ୍ତମାନ ବୈଠକ ଡକାଯାଇଛି। ଆସନ୍ତା ୭ ଦିନ ଭିତରେ ସମସ୍ତ ଏରିଏର କ୍ଲିଅର କରିଦିଆଯିବ। ଏ ବିଷୟରେ ସରକାରଙ୍କୁ ଚିଠି ଲେଖାଯାଇଛି। ଏଥିସହିତ ତଦନ୍ତ କରାଯାଇ ଯଦି କୌଣସି କର୍ମଚାରୀ ଏପରି ଅନିୟମିତତା କରୁଥାନ୍ତି କିମ୍ବା ଦୋଷୀ ବୋଲି ପ୍ରମାଣିତ ହୁଅନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।




ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକ।

## ୨୫ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଶନ ବିଲ୍‌ଡର ଆୱାର୍ଡ

**ବାଲେଶ୍ୱର ଅଫିସ, ୧୫।୯**

ବାଲେଶ୍ୱର ରୋଟାରୀ କ୍ଲବ ପରିସରରେ କ୍ଲବ ପକ୍ଷରୁ ଗୁରୁବାର ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲା ଅଧୀନ ୧୨ଟି ବ୍ଲକର ୨୫ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଶନ ବିଲଡ଼ର ଆୱାର୍ଡ଼ ପ୍ରଦାନ କରାଯାଇଛି। ଏଥିରେ ନେଶନ ବିଲଡ଼ର ମାନପତ୍ର, ଉତ୍ତରୀୟ, ମୋମେଣ୍ଟସ, ଫୁଲତୋଡ଼ା ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କ୍ଲବ ସଭାପତି ଇଂ. ରୋଟାରିଆନ ସୌରଭ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ରୋଟାରୀ ଟିଚର ଚେୟାରମ୍ୟାନ୍ ଡ. ପଙ୍କଜ କୁମାର ଜେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଧାରଣା ଦେଇଥିଲେ। ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଉତ୍ସାହ ବଢ଼ିବ। ଆଗାମୀ ଦିନରେ ରୋଟାରି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ଭିତରେ ହୋଇଥିବା ବୁଝାମଣା ଜିଲାରୁ ନିରକ୍ଷରତା ଦୂର କରିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର ଯୋଗଦେଇ ଶିକ୍ଷାର ମୂଲ୍ୟବୋଧତା ଉପରେ ମତ ରଖି ଶିକ୍ଷକଙ୍କୁ ସମ୍ମାନ ଦେଉଥିବା ଅନୁଷ୍ଠାନ ମହାନ ବୋଲି ସମ୍ବୋଧିତ କରିବା ସହ ଏହା ଜିଲା ପାଇଁ ଏକ ଅନନ୍ୟ କାର୍ଯ୍ୟକ୍ରମ ବୋଲି କହିଥିଲେ। ଅଧ୍ୟାପିକା ରୋ. ଲକ୍ଷ୍ମୀପ୍ରିୟା ଜେନା, ପ୍ରଧାନଶିକ୍ଷୟିତ୍ରୀ ରୋ. ଗୀତାଞ୍ଜଳି ଶତପଥି, କ୍ଲବ ସମ୍ପାଦକ ସୁଖମୟ ଦାସ, ବରିଷ୍ଠ ରୋ. ସୁବ୍ରତ କର, ବିଷ୍ଣୁପଦ କୁଣ୍ଡୁ, କ୍ଷେତ୍ରମୋହନ ମହାପାତ୍ର, ଡ. ଶିରିଶ ଜେନା, ଭି. ଉଦୟ କୁମାର, ଯଶୋଦା ନନ୍ଦନ ଆଶ, ସଲିମ ସାହା, ଡ. ମାତୃଦତ୍ତ ଦାସ, ଭୋଳାନାଥ ବେରା, ଉପେନ୍ଦ୍ର ବେହେରା, ପ୍ରଭାତ କୁମାର ଜେନା, ସନ୍ତୋଷ ନାହାକ, ପଦାରବିନ୍ଦ ମହାପାତ୍ର, ସପନ ମହାପାତ୍ର, ସତ୍ୟନାରାୟଣ ନନ୍ଦ, ବିକ୍ରମ ଜିତ କର, ସୁଜାତା ପଟ୍ଟନାୟକ, ଡ. ମନୋରଞ୍ଜନ ଦାସ, ଭାବଗ୍ରାହୀ ମହାନ୍ତି, ଚନ୍ଦନ କୁମାର ଚଣ୍ଡ, ଶ୍ରୀମାନ ଶ୍ରୀଚନ୍ଦନ, ସୁଧାଂଶୁ ପଣ୍ଡା, ଯୋଗେଶ ଶାହା, ରାଧାରଞ୍ଜନ ବିଶ୍ୱାଳ, ପ୍ରଭଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀଶିକ୍ଷକ।

# ନିଶାସକ୍ତ ଶିକ୍ଷକଙ୍କୁ ଅଟକ ରଖିଲେ ଗ୍ରାମବାସୀ | କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଛାଡ଼ିଲେ

**ଧୁଷୁରୀ, ୧୫।୯**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାଳସାହି ହରିଜନ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକ ନିଶାସକ୍ତ ଅବସ୍ଥାରେ ବୁଧବାର ଶିକ୍ଷାନୁଷ୍ଠାନକୁ ଆସିଥିବା ଅଭିଯୋଗ କରି ଗ୍ରାମବାସୀ ତାଙ୍କୁ ଶ୍ରେଣୀଗୃହରେ ଅଟକ ରଖିଥିଲେ। ଖବରପାଇ ସିଆର୍‌ସିସି ପ୍ରଦୀପ କୁମାର ଦାସ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସେ ଫୋନ ମାଧ୍ୟମରେ ଏନେଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭୀମସେନ ହୋଙ୍କୁ ଅବଗତ କରାଇଥିଲେ। ଗ୍ରାମବାସୀ ଘଟଣା ବିଷୟରେ ଏକ ଦରଖାସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ପାଖକୁ ଦେବାକୁ ସେ ସିଆର୍‌ସିସିଙ୍କୁ କହିଥିଲେ। ଉକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ତାଙ୍କୁ ଛାଡ଼ିଥିଲେ। ତେବେ ଉକ୍ତ ଶିକ୍ଷକଙ୍କ ବଦଳି କରାଇବା ପାଇଁ ରମେଶ ବାରିକ, ଧ୍ରୁବ ଚରଣ ଦାସ, ରତ୍ନାକର ଜେନା, କାଳିଆ ଜେନା, ଗନ୍ଧୁଆ ବେହେରା, ବାବୁଲା ସେଠୀ, ଦୁର୍ଗା ସାହୁ, ରକ୍ଷାକର ଦାସ ପ୍ରମୁଖ ଗ୍ରାମବାସୀ ଏକ ଦରଖାସ୍ତ ଲେଖି ସିଆର୍‌ସିସିଙ୍କ ଜରିଆରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟକୁ ପଠାଇଛନ୍ତି। ପ୍ରକାଶଥାଉକି, ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି।

## ୪ ମାସ ପରେ ବି ହତ୍ୟାକାରୀଙ୍କ ଟେର୍‌ପାଉନି ପୋଲିସ

**ପାଟଣା,୧୫।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତ ମୂଷାପଡ଼ା ସନ୍ନିକଟ କାଁଝାରି ନଦୀରୁ ମେ ୨ ତାରିଖ ଅପରାହ୍ନରେ ଜଣେ ୩୮ ବର୍ଷର ବିବାହିତ ଯୁବକଙ୍କ ଗଳିତ ମୃତଦେହ ହାତଗୋଡ଼ ବନ୍ଧା ଅବସ୍ଥାରେ ପୋଲିସ ଜବତ କରିଥିଲା। ମୃତଦେହଟି ଏହି ବ୍ଲକ କେନ୍ଦେଇପଶି ପଞ୍ଚାୟତ କେନ୍ଦୁଆପଡ଼ା ଗ୍ରାମ ଉପରସାହିର ତ୍ରିଲୋଚନ ନାଏକଙ୍କର ବୋଲି ଘର ଲୋକେ ଚିହ୍ନଟ କରିଥିଲେ। ଏ ନେଇ ପାଟଣା ଥାନାରେ ୧୦୦/୨୨ ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ତେବେ ହତ୍ୟାକାଣ୍ଡ ଘଟିବାର ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ହତ୍ୟା ପଛର ରହସ୍ୟ ଉପରୁ ପରଦା ଉଠିନି କି ହତ୍ୟାକାରୀଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇପାରିନାହିଁ। ତଦନ୍ତରେ ଶିଥିଳତାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଭେଣ୍ଡିଆ ପୁଅକୁ ହରାଇ ମା' ପନି ନାଏକ ଓ ବାପା ନାରଦ ନାଏକଙ୍କ ଆଖିରୁ ଲୁହ ଶୁଖୁନି। ପରିଣତି ବୟସରେ ଏହି ବୃଦ୍ଧ ଦମ୍ପତି ପୁତ୍ରକୁ ହରାଇ ଭାଙ୍ଗି ପଡିଥିବା ବେଳେ ଦୁଇ ନାତୁଣୀ ଓ ଗୋଟିଏ ନାତିର ଭରଣପୋଷଣ ଚିନ୍ତାରେ ପଡିଛନ୍ତି। ବୃଦ୍ଧ ମା, ବାପାଙ୍କୁ ନ୍ୟାୟ ଦେବାରେ ପୋଲିସ ବିଫଳ ହୋଇଛି ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରୁଛନ୍ତି। ଏନେଇ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ ମାମଲା ବିଚାରାଧୀନ ରହିଛି ବୋଲି କହିଛନ୍ତି। ତ୍ରିଲୋଚନଙ୍କ ମା' ପନି ତାଙ୍କ ପୁଅର ହତ୍ୟା ପଛରେ ତ୍ରିଲୋଚନଙ୍କ ଶ୍ୱଶୁର ଘର ଲୋକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ତ୍ରିଲୋଚନ ନିଜ ଗାଁରେ ବିବାହ କରିଥିବା ବେଳେ ସେ ଘର ଜ୍ୱାଇଁ ଭାବେ ରହୁଥିଲେ। ସେ ନିଖୋଜ ହେବାର ୫ ଦିନ ପରେ ତାଙ୍କର ମୃତଦେହ ପୋଲିସ ଜବତ କରିଥିଲା।



ତ୍ରିଲୋଚନଙ୍କ ଫାଇଲ୍ ଫଟୋ।

# ଉଦଳା ବିଜେଡିର ସାଙ୍ଗଠନିକ ବୈଠକ

**ଉଦଳା,୧୫।୯(ଡି.ଏନ.ଏ.)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଉଦଳା ନିର୍ବାଚନ ମଣ୍ଡଳୀସ୍ତରୀୟ କୋର୍ କମିଟିକୁ ନେଇ ବିଜେଡି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ତଥା ଜିଲା ବରିଷ୍ଠ ଉପସଭାପତି ଶ୍ରୀନାଥ ସୋରେନ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲା ବିଜେଡି ସଭାପତି ସୁଦାମ ମାରାଣ୍ଡି, ବିଜେଡି ଜିଲା ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ଜିଲା କୋ ଅର୍ଡିନେଟର ସୁବ୍ରତ ଛାଟୋଇ,ଉଦଳା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅମରେଶ ପତ୍ରୀ, ରାଜ୍ୟ ସାଧାରଣ ସମ୍ପାଦକ ଦେବାଶିଷ ମାରାଣ୍ଡି, ଜିଲା ସାଧାରଣ ସମ୍ପାଦକ ମନୋଜ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସବୁ ବ୍ଲକର କୋର୍ କମିଟି ସଦସ୍ୟ, ନିର୍ବାଚିତ ଜିଲା ପରିଷଦ ସଦସ୍ୟା ସଦସ୍ୟ, ବ୍ଲକ ଚେୟାରମ୍ୟାନ, ଭାଇସ ଚେୟାରମ୍ୟାନ ପ୍ରମୁଖ ଉପସ୍ଥିତ ରହି ଆଗାମୀ ସାଧାରଣ ନିର୍ବାଚନ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ। ନିର୍ବାଚନ ମଣ୍ଡଳୀ ପରିଚାଳନା କମିଟି ଗଠନ କରାଯାଇ ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦିଆଯାଇଥିଲା। ଏବେଠୁ ଲୋକଙ୍କ ସମସ୍ୟା ସହ ରହି ସଂଗଠନକୁ ମଜବୁତ କରିବାକୁ ପରାମର୍ଶ ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ବିଜେଡି କାର୍ଯ୍ୟକର୍ତ୍ତା।

# ସାମିଲ ହେଲା ଚାନ୍ଦିପୁର ବେଳାଭୂମି

**'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ଯୋଜନା**

**ବାଲେଶ୍ୱର ଅଫିସ, ୧୫।୯**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମୁଦ୍ର ବେଳାଭୂମି 'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ଯୋଜନାରେ ସାମିଲ ହୋଇଥିବା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ସ୍ୱାଧୀନତାର ଅମୃତ ମହୋତ୍ସବକୁ ଅଧିକରୁ ଅଧିକ ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଜନକଲ୍ୟାଣକାରୀ ସ୍ଥାୟୀ ଯୋଜନା ହାତକୁ ନେଇଛନ୍ତି। ତନ୍ମଧ୍ୟରୁ 'ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ଏକ ଦୂରଦୃଷ୍ଟିସମ୍ପନ୍ନ ଯୋଜନା। ଏହି ଯୋଜନାରେ ଭାରତର ବଛା ବଛା ୭୫ଟି ସମୁଦ୍ରତଟକୁ ସାମିଲ କରି ଏହାର ସାମଗ୍ରିକ ବିକାଶ ପାଇଁ ଭିତ୍ତିଭୂମିର ବିକାଶ କରାଯିବ। ଭାରତ ସରକାରଙ୍କ ଭୂ ବିଜ୍ଞାନ ମନ୍ତ୍ରଣାଳୟ ଦ୍ୱାରା ଚୟନ କରାଯାଇଥିବା ୭୫ଟି ସମୁଦ୍ରତଟ ମଧ୍ୟରେ ବାଲେଶ୍ୱରର କୌଣସି ସମୁଦ୍ରତଟ ନ ଥିବା ଜାଣିବା ପରେ ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ କେନ୍ଦ୍ର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂଙ୍କୁ ପତ୍ର ମାଧ୍ୟମରେ ଚାନ୍ଦିପୁର ବେଳାଭୂମିକୁ ଉକ୍ତ ଯୋଜନାରେ ସାମିଲ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ସେହି କ୍ରମରେ ମନ୍ତ୍ରଣାଳୟ ନିର୍ଦ୍ଧାରିତ ସୂଚୀରୁ ଗୋଟିଏ ସମୁଦ୍ରତଟକୁ ବାଦ୍ ଦେଇ ଚାନ୍ଦିପୁରକୁ ସାମିଲ କରିଥିଲେ। ଉକ୍ତ ଯୋଜନାର ଶୁଭାରମ୍ଭ ଆସନ୍ତା ୧୭ତାରିଖ ପୂର୍ବାହ୍ନ ୬ଟାରେ ଚାନ୍ଦିପୁର ବେଳାଭୂମିଠାରେ ଆରମ୍ଭ ହେବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏମ୍‌ପି ଇତିମଧ୍ୟରେ ଜିଲାପାଳଙ୍କ ସମେତ ସଂଶ୍ଳିଷ୍ଟ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଯୋଜନା ଫଳରେ ପର୍ଯ୍ୟଟନ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳର ଅନେକ ବିକାଶ ହେବା ସହିତ ଅନେକ ରୋଜଗାର ପନ୍ଥା ସୃଷ୍ଟି ହୋଇପାରିବ ବୋଲି ଏମ୍‌ପି ଷଡ଼ଙ୍ଗୀ ଜଣାଇଛନ୍ତି।



ଚାନ୍ଦିପୁର ବେଳାଭୂମି।

